# Akashvani, Sambalpur

## SAMBALPURI NEWS EVENING BULLETIN

## 02 October 2025- 7.02 pm- 7.12 pm.

**********************************************

୧- ଜାତିରଜନକ ମହାତ୍ମାଗାନ୍ଧୀ ଆଉ ଜନନାୟକ ଲାଲ୍‌ବାହାଦୂର୍ ଶାସ୍ତ୍ରୀଙ୍କର୍ ଜୟନ୍ତୀଥି ଦେଶ୍‌ବାସୀ ଦେଲେ ଶ୍ରଦ୍ଧାଞ୍ଜଳି ।

୨- ରାଏଜେ ମଣ୍ଡପ୍‌ମାନ୍‌କୁ ଆଏଜ୍ ମନାଯାଇଛେ ବିଜୟା ଦଶ୍‌ମୀ ।

- ପଶ୍ଚିମ ଓଡ଼ିଶାର୍ ଜାଗା ଜାଗା ନ ହେଉଛେ ବଏଲ୍ ଯାତ୍ରା ଆର୍ ରାବଣ୍‌ପୁଡ଼ି ।

୩- ସ୍ୱଦେଶୀ ଦରବ୍ ବେଭାର୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀଙ୍କର୍ ଆହ୍ୱାନ୍ ।

୪- ଆଇଆଇଏମ୍ ସମ୍ବଲ୍‌ପୁର୍‌ର ଥାପ୍‌ନା ଦିବସ୍ ସମାରୋହକେ ଉଦ୍‌ଘାଟନ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୫- ବଙ୍ଗୋପ୍‌ସାଗର୍ ନ ଗଭୀର ଅବପାତ ହେଲା ଲଘୁଚାପ୍ ।

- ଆଏଜ୍ ରାତି ପାର୍ କର୍‌ବା ପାରାଦୀପ୍-ଗୋପାଲ୍‌ପୁର୍ ।

## ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ବର୍‌ଗଡ଼୍/ ବଲାଙ୍ଗିର/ ସୁବର୍ଣ୍ଣପୁର/ ବୌଦ୍ଧ/ ଦେବ୍‌ଗଡ଼୍

ଦେଶର୍ ଦୁହି ମହାନ୍ ଜନନାୟକ ଜାତିର ପିତା ମହତ୍ମାଗାନ୍ଧୀ ଆଉ ଆଘର୍ ପ୍ରଧାନ୍‌ମନ୍ତ୍ରୀ ଲାଲ୍‌ବାହାଦୂର୍ ଶାସ୍ତ୍ରୀଙ୍କୁ ଜୟନ୍ତୀ ଉଧେ ଆଏଜ୍ ଦେଶ୍‌ବାସୀ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ୧୮୬୯ ମସିହାର୍ ଆଝିରର୍ ଦିନେ ଜନ୍ମଗ୍ରହଣ୍ କରିଥିବା ଅହିଂସାର୍ ପୂଜାରୀ ବାପୁଜୀ ଦେଶ୍‌କେ ଇଂରେଜ୍ ଶାସନ୍‌ନୁ ମୁକ୍ତ କରିଥିଲେ । ସେନ୍ତା ଆଘର୍ ପ୍ରଧାନ୍‌ମନ୍ତ୍ରୀ ଲାଲ୍‌ବାହାଦୂର୍ ଶାସ୍ତ୍ରୀ ୧୯୦୪ ମସିହା ଆଝିରର୍ ଦିନେ ଉତର୍‌ପ୍ରଦେଶର୍ ମୋଗଲ୍ ସରାଇଠାନେ ଜନମ୍ ହେଇଥିଲେ । ଛୋଟ୍‌ବେଲୁ ସେ ମହତ୍ମାଗାନ୍ଧୀଙ୍କର୍ ଦେଶ୍‌ପ୍ରେମ୍‌ଥି ଅନୁପ୍ରାଣିତ୍ ହେଇଥିଲେ । ଦେଶ୍ ସ୍ୱାଧୀନ୍ ହେଲା ଉତ୍‌ରୁ ସେ ରେଲ୍‌ମନ୍ତ୍ରୀ ଦାୟିତ୍ୱ ତୁଲେଇଥିଲେ । ତାର୍ ଉତ୍‌ରୁ ଦେଶର୍ ୨ ନମ୍ବର୍ ପ୍ରଧାନ୍‌ମନ୍ତ୍ରୀ ହେଇଥିଲେ । ତାଙ୍କର୍ ସ୍ଲୋଗାନ୍ 'ଜୟ ଜବାନ୍ -ଜୟ କିଷାନ୍' ଆଏଜ୍ ଭିଲ୍ ଅମର୍ ବାଣୀ ହେଇଛେ ।

ଇ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପ ରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲାଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଦିଲ୍ଲୀର୍ ରାଜ୍‌ଘାଟ୍ ଠାନେ ମହାତ୍ମାଗାନ୍ଧୀଙ୍କର୍ ସମାଧି ପୀଠ ନ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ରାଜ୍‌ଘାଟ୍ ନ ଆଏଜ୍ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜନ୍ କରାଯାଇଥିଲା । ଗାନ୍ଧୀଜୀଙ୍କର୍ ନୀତି, ଆଦର୍ଶ,

ତ୍ୟାଗ ଆଉ ସେବା ମାର୍ଗ ଅନୁସରଣ୍ କଲେ ବିକଶିତ୍ ଭାରତ୍‌ର ସପନ୍ ସାକାର୍ ହେଇପାର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଗାନ୍ଧୀ ଜୟନ୍ତୀ ଅବ୍‌ସରେ ରାଜ୍ୟ ବିଧାନ୍‌ସଭା ପରିସର୍ ନ ଭିଲ୍ ଆଏଜ୍ ଗୁଟେ ପ୍ରାର୍ଥନା ସଭା ଆୟୋଜନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ମନ୍ତ୍ରୀମଣ୍ଡଲ୍‌ର ବହୁତ୍ ସଦସ୍ୟ ଆଉ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ୍ ଥିଲେ ।

ବଲାଙ୍ଗିର୍ ଜିଲ୍ଲା ପାଟ୍‌ନାଗଡ୍ ଠାନେ ଜୟନ୍ତୀ ସମାରୋହଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ବଲାଙ୍ଗିର୍ ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଉପଖଣ୍ଡ ଡାକ୍ତର୍‌ଖାନା ନ ଥିବା ଗାନ୍ଧୀଙ୍କର୍ ପ୍ରତିମୂର୍ତିଥି ଫୁଲ୍‌ମାଲ୍ ଦେବାର୍ ସହେତେ ଡାକ୍ତର୍‌ଖାନା ପରିସର୍ ନ ରୋଗୀମାନ୍‌କୁ ଫଲ୍ ବାଂଟିଥିଲେ । ବଲାଙ୍ଗିର୍ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହଥି ଜିଲ୍ଲାପାଲ୍ ଗୌରବ୍ ଶିଓ୍ୱାଜୀ ଇସଲ୍‌ଓ୍ୱାର୍ ଯୋଗ୍ ଦେଇକରି ଦୁହି ଜନନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଗାନ୍ଧୀ ଜୟନ୍ତୀ ଆଉ ସ୍ୱଚ୍ଛ ଭାରତ୍ ଅଭିଯାନ୍‌ଥି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଥିଲା । ସହରର୍ ଗାନ୍ଧୀ ପଡ଼ିଆ ନ ଥିବା ମହାତ୍ମାଗାନ୍ଧୀଙ୍କର୍ ପ୍ରତିମୂର୍ତି ନ ଶ୍ରଦ୍ଧାଞ୍ଜଳି ଦିଆଯିବାର୍ ସହେତେ ସର୍ବଧର୍ମ ପ୍ରାର୍ଥନା ସଭା କରାଯାଇଥିଲା । ଇ ଅବ୍‌ସରେ ସଫେଇ କାର୍ଯ୍ୟକ୍ରମ୍ ଆଉ ପଦଯାତ୍ରା ଭିଲ୍ ହେଇଥିଲା ।

ବର୍‌ଗଡ୍ ଜିଲ୍ଲା ସଦର୍ ମହକୁମା ନ ମହାତ୍ମାଗାନ୍ଧୀ ଆଉ ଲାଲ୍ ବାହାଦୂର୍ ଶାସ୍ତ୍ରୀଙ୍କର୍ ଜୟନ୍ତୀ ସମାରୋହ ପାଳିତ୍ ହେଇଯାଇଛେ । ସଭାଥି ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇକରି ଦେଶ୍ ଲାଗି ଗାନ୍ଧିଜୀ ଆଉ ଶାସ୍ତ୍ରୀଜୀଙ୍କର୍ ଅବଦାନ୍ ବାବ୍‌ଦେ ଆଲୋଚନା କରିଥିଲେ ।

ଦେବ୍‌ଗଡ୍ ଜିଲ୍ଲା ସଂସ୍କୃତି ଭବନ୍ ଠାନେ ହେଇଥିବା ଗାନ୍ଧୀ ଆଉ ଶାସ୍ତ୍ରୀ ଜୟନ୍ତୀ ସମାରୋହଥି ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ୍ ରେବେକା ବିଲୁଙ୍ଗ ଯୋଗ୍ ଦେଇକରି ଦୁହି ଜନନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଇ ଅବ୍‌ସରେ ସର୍ବଧର୍ମ ପ୍ରାର୍ଥନା ସଭା ହେଇଥିଲା ।

ବୌଦ୍ଧ ଜିଲ୍ଲା ଟାଉନ୍‌ହଲ୍ ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଥିବା ଜୟନ୍ତୀ ସମାରୋହଥି ଜିଲ୍ଲା ମୁଖ୍ୟ ଉନ୍ନୟନ୍ ଅଧିକାରୀ ପ୍ରଭାସ୍ ଚନ୍ଦ୍ର ଦଣ୍ଡସେନା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ସର୍ବଧର୍ମ ପ୍ରାର୍ଥନା ସଭା ହେଇଥିଲା ।

ପଶ୍ଚିମ ଓଡ଼ିଶା - ଦଶରା ସମ୍ବଲପୁର/ ନୂଆପଡ଼ା/ ବୌଦ୍ଧ/ ସୁବର୍ଣ୍ଣପୁର/ ବର୍‌ଗଡ୍/ ଦେବ୍‌ଗଡ୍ ସମ୍ବାଦଦାତା

ଦୁର୍ଗତିନାଶିନୀଙ୍କର୍ ମାଁ ଦୁର୍ଗା ଆବାହନ୍‌ଥି ରାଜ୍ୟର୍ ପୂଜା ମଣ୍ଡପ୍ ମାନ୍‌କେ ଆଏଜ୍ ଦଶ୍‌ମୀ ପୂଜା ରୀତିନୀତି ସହେତେ କରାଯାଉଛେ । ପୁରୀ ଶ୍ରୀମନ୍ଦିର୍ ନ ବିଜୟାଦଶ୍‌ମୀ ଅବ୍‌ସରେ ମାହାପୁରୁ ଭକ୍ତମାନ୍‌କୁ ସୁନାବେଶଥି ଦର୍ଶନ୍ ଦେଉଛନ୍ । ମାହାପୁରୁମାନ୍‌କୁ ସୁନା ଅଲଙ୍କାର୍‌ଥି ସଜାଯିବାର୍ ସଙ୍ଗେ ଭିନ୍ ଭିନ୍ ଆୟୁଧ ଲାଗି କରାଯାଇଛେ ।

ବିଜୟା ଦଶ୍‌ମୀ ଅବ୍‌ସରେ ଆଏଜ୍ ପୂଜା ମଣ୍ଡପ୍ ମାନ୍‌କେ ମା’ ଦୁର୍ଗାଙ୍କର୍ ଦଶ୍‌ମୀ ପୂଜା ଗାଁ ନୁ ସହର୍‌ତକ୍ ଉସ୍‌ନାକି ଆର୍ ଗହଲ୍‌ଚହଲ୍‌ଥି ପାଲିତ୍ ହେଉଛେ । ଭିନ୍ ଭିନ୍ ଜାଗା ନ ରାବଣ୍‌ପୁଡ଼ିର୍ ଆୟୋଜନ୍ ଭିଲ୍ କରାଯାଇଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍‌ପୁର୍ ନ ଭିନ୍ ଭିନ୍ ପୂଜା ମଣ୍ଡପ୍ ଆର୍ ଶକ୍ତିପୀଠମାନ୍‌କେ ଯାଇକରି ମା’ଙ୍କର୍ ଦର୍ଶନ୍ କରିଛନ୍ । ତାର୍ ଉତ୍‌ରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ନବଜାତକ୍ ଶିଶୁକନ୍ୟା ମାନ୍‌କୁ ଦେଖିକରି କିଟ୍ ପ୍ରଦାନ୍ କରିଛନ୍ । ତାର୍ ଉତ୍‌ରୁ ତପସ୍ୱିନୀ ପ୍ରେକ୍ଷାଳୟ ନ ହେଇଥିବା କନ୍ୟା ପୂଜନ୍ ଉତ୍ସବ୍‌ଥି ଶ୍ରୀ ପ୍ରଧାନ୍ ସାମିଲ୍ ହେଇଛନ୍ । ଇ ଅବ୍‌ସରେ ଶ୍ରୀ ପ୍ରଧାନ୍ କହିଛନ୍...

(ଭଏସ୍ ଓଭର୍- ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ )

ସମ୍ବଲ୍‌ପୁର୍ ମହାନଦୀର୍ ଦଲେଇପଡ଼ା ଘାଟ୍ ଆର୍ ମନ୍ଦଲିଆ ପଡ଼ିଆ ନ ଆଏଜ୍ ରାବଣ୍‌ପୁଡ଼ି ଉତ୍ସବ୍ ହେଉଛେ ।

ଦଶ୍‌ରା ପରବ୍ ଅବ୍‌ସରେ ଗଲାକାଏଲ୍ ରାତି ନୂଆପଡ଼ା ଜିଲ୍ଲାର୍  ଖଡ଼ିଆଲ୍ ନ ଜୁଡ଼ା ବଏଲ୍ ଯାତ୍ରା ହେଇଥିଲା । ୨ ଶହ ୪ ବଛର୍ ପୁର୍‌ନା ଇ ବଏଲ୍ ଯାତ୍ରାଥି ମା ରକ୍ତାମ୍ବରୀ ଆର୍ ମା ସମଲେଶ୍ୱରୀଙ୍କର୍ ଛତର୍ ବାହାରିଥିଲା ।

ବୌଦ୍ଧ ଜିଲ୍ଲା ନ ପୂଜାମଣ୍ଡପ୍ ମାନ୍‌କୁ ଦୁର୍ଗାସ୍ତବ ପାଠ ସାଙ୍ଗେ ପୂଜା ଚାଲିଛେ । ମାଲିସାହି ମଣ୍ଡପ୍ ନ ନବରାତ୍ର ପୂଜା ମଣ୍ଡପ୍‌ନୁ ବାହାରିକରି ଦୁର୍ଗାଙ୍କର୍ ଶୋଭାଯାତ୍ରା ସହର୍ ପରିକ୍ରମା କରିଛେ । ସେନ୍ତା ବୌଦ୍ଧର୍ ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କର୍ ପୀଠ ନ ଭିଲ୍ ଗୁପ୍ତ ପୂଜା ଉତ୍‌ରୁ ଭକ୍ତମାନେ ଦର୍ଶନ୍ କରିଛନ୍ ।

ବର୍‌ଗଡ଼୍ ଜିଲ୍ଲାର୍ ସୋହେଲା ଦଶ୍‌ରା ମହୋତ୍ସବ୍‌ଥି ଆଏଜ୍ ଉପର୍‌ବେଲା ରାବଣ୍‌ପୁଡ଼ି କାର୍ଯ୍ୟକ୍ରମ୍ ହେଇଛେ । ହେଥି ସୋହେଲାର୍ ଆଖର୍‌ପାଖର୍ ଇଲାକାନୁ ହଜାର୍ ହଜାର୍ ଲୋକ୍ ସାମିଲ୍ ହେଇଥିଲେ । ଜିଲ୍ଲାର୍ ଗାଁ ନୁ ସହର୍‌ତକ୍ ପୂଜା ମଣ୍ଡପ୍‌ମାନ୍‌କେ ଆଏଜ୍ ମା ଦୁର୍ଗାଙ୍କର୍ ଦଶ୍‌ମୀ ପୂଜା ସହେତେ ରାବଣ୍‌ପୁଡ଼ି ଉତ୍ସବ୍ ଚାଲିଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଶତାଧିକ୍ ମଣ୍ଡପ୍‌ଥି ଦେବୀଙ୍କର୍ ପୂଜା କରାଯାଉଛେ । ଆଏଜ୍ ମଣ୍ଡପ୍‌ମାନ୍‌କୁ ଅପରାଜିତା ପୂଜା ହେଇଛେ । ଜିଲ୍ଲାର୍ ଖୋବ୍‌ଟେ ଜାଗା ନ ରାବଣ୍‌ପୁଡ଼ି କରାଯାଉଛେ ।

ଦେବ୍‌ଗଡ଼୍ ଜିଲ୍ଲା ସଦର୍ ମହକୁମା ସହେତେ ରିଆମାଲ୍

ବାର୍‌କୋଟ୍ ଆର୍ ତିଲେଇବଣି ବ୍ଲକ୍ ଇଲାକା ନ

ମଣ୍ଡପ୍‌ମାନ୍‌କୁ ବିଜୟା ଦଶ୍‌ମୀ ପୂଜା  ସହେତେ ରାବଣପୁଡ଼ି ହେଉଛେ ।

ମୁଖ୍ୟମନ୍ତ୍ରୀ-ସ୍ୱଦେଶୀ ଆହ୍ୱାନ୍        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଗାନ୍ଧୀ ଆଉ ଶାସ୍ତ୍ରୀ ଜୟନ୍ତୀ ଅବ୍‌ସରେ ସ୍ୱଦେଶୀ ଦରବ୍ ଘିନ୍‌ବାର୍‌କେ ଆଉ ବେଭାର୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଗାନ୍ଧିଜୀ, ଶାସ୍ତ୍ରୀଜୀ ଆଉ ଦୀନ୍‌ଦୟାଲ୍ ଉପାଧ୍ୟାୟଙ୍କର୍ ଚିନ୍ତାଧାରା ଗରିବ୍ କଲ୍ୟାଣ୍ ସହେତେ ଆତ୍ମନିର୍ଭର୍ ଭାରତ୍‌ର ମାର୍ଗଦର୍ଶକ୍ ଆଏ । ତାଙ୍କର୍ ଚିନ୍ତାଧାରାଥି ଆଗ୍‌କେ ବଢ଼ିକରି ବିକଶିତ୍ ଓଡ଼ିଶା ଆଉ ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ କରାଯାଇପାର୍‌ବା । ଇଥିର୍‌ଲାଗି ସ୍ୱଦେଶୀ ଦରବ୍‌ର ବେଭାର୍ ବଢ଼ାବାର୍ ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ଆଇଆଇଏମ୍ ସମ୍ବଲ୍‌ପୁର୍-ପ୍ରତିଷ୍ଠା ଦିବସ୍/ସମ୍ବଲପୁର ସମ୍ବାଦଦାତା

ଆଇଆଇଏମ୍ ସମ୍ବଲ୍‌ପୁର୍‌ର ୧୧ ନମ୍ବର୍ ପ୍ରତିଷ୍ଠା ଦିବସ୍ ଆଏଜ୍ ପାଳିତ୍ ହେଇଯାଇଛେ । ରଙ୍ଗବତୀ ମଂଚ ନ ହେଇଥିବା

ସମାରୋହକେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କରିକରି କହିଛନ୍, ୧୧ ବଛ୍‌ରର୍ ଯାତ୍ରାଥି ଆଇଆଇଏମ୍ ସମ୍ବଲ୍‌ପୁର୍ ଆଏଜ୍ ସଫଲ୍‌ତାର୍ ଶିଘାକେ ପୁହୁଁଚିଛେ । ଇହାଦେ ଆଇଆଇଏମ୍ ସମ୍ବଲ୍‌ପୁର୍ ଦେଶର୍ ସର୍ବଶ୍ରେଷ୍ଠ ଆଇଆଇଏମ୍ ହେଇପାରିଛେ । ଇନ ଛାତ୍ରୀ ସଂଖ୍ୟା ୭୦ ପ୍ରତିଶତ୍‌ନୁ ଅଏତ୍‌କା ରହେବାର୍‌ଟା ଗୁରୁତ୍ୱପୂର୍ଣ୍ଣ ବିଷେ ଆଏ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ସେବା ପର୍ବ-ବିଶ୍ୱସ୍ତରୀୟ ସହଭାଗିତା     ଏନ୍‌ଏସ୍‌ଡି

(ସେବା ପର୍ବ ଏସ୍.ଟି)

କେନ୍ଦ୍ର ସର୍‌କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ - ପରିବର୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ଆମର୍ ଖାସ୍ ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍‌ମା ନକ୍ସଲ୍ ମୁକ୍ତ ଭାରତ୍ ଗଠନ୍ ଲାଗି କେନ୍ଦ୍ର ସର୍‌କାର୍ ନେଇଥିବା ପଦକ୍ଷେପ୍ ବାବ୍‌ଦେ.......

(ଭଏସ୍ ଓଭର୍- ବିସ୍ମିତା ପଧାନ)

ଗଲା ୧୧ ବଛର୍ ଭିତ୍‌ରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱାଧୀନ୍ ସର୍‌କାର୍ ବାମପନ୍ଥୀ ଉଗ୍ରବାଦ୍ ବିରୋଧ୍‌ଥି ଶୂନ୍ୟ ସହନଶୀଳତା ନୀତି ଅପ୍‌ନେଇଛନ୍ । ସର୍‌କାରୀ ଯୋଜ୍‌ନା ମାନ୍‌କେ ଶହେ ପ୍ରତିଶତ୍ କାର୍ଯ୍ୟାନ୍ୱୟନ୍ ସହେତେ ଉଗ୍ରବାଦ୍ ପ୍ରଭାବିତ୍ ଇଲାକାମାନ୍‌କେ ବିକାଶ୍ ଲାଗି ପଦକ୍ଷେପ୍ ନେଇଛନ୍ । ଗଲାମାସେ ସ୍ୱାଧୀନତା ଦିବସ୍ ଭାଷଣ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ନକ୍ସଲ୍ ଆଉ ମାଓବାଦ୍ ଲାଗି ଲାଲ୍ କରିଡ଼ର୍ ଭାବେ ପରିଚିତ ଇଲାକାମାନେ ଇହାଦେ ସବୁଜ ବିକାଶ୍‌ର କରିଡ଼ର୍ ହେଇଛନ୍ ।

(ଭଏସ୍-ପ୍ରଧାନମନ୍ତ୍ରୀ)

ବାମପନ୍ଥୀ ଉଗ୍ରବାଦ୍ ଆହ୍ୱାନ୍‌ର ମୁକାବିଲା ଲାଗି ସର୍‌କାର୍ ୨ ଟା ମୁଖ୍ୟ ନୀତି କାର୍ଯ୍ୟକାରୀ କରିଛନ୍ । ହିଂସା ଆଏତ୍ କର୍‌ବାର୍ ଲାଗି ନକ୍ସଲ୍ ପ୍ରଭାବିତ୍ ଇଲାକା ନ ଆଇନ୍ ଶୃଙ୍ଖଳା ଥିତିକେ କଡ଼ାକଡ଼ି କର୍‌ବାର୍ ଆର୍ ସେହି ଇଲାକା ନ ବିକାଶ୍‌କେ ପୁନଃ କାର୍ଯ୍ୟକ୍ଷମ୍ କର୍‌ବା । ନକ୍ସଲ୍ ପ୍ରଭାବିତ୍ ଇଲାକାର୍ ବିକାଶ୍ ଲାଗି ବଜେଟ୍ ବ୍ୟବସ୍ଥା ୩ ଶହ ପ୍ରତିଶତ୍ ବଢ଼ାଯାଇଛେ । ଇହାଦେ ଦେଶେ ନକ୍ସଲ୍ ହିଂସା ବହୁତ୍ କମିଛେ । ଆଏବା ବଛର୍ ମାର୍ଚ୍ଚ ୩୧ ତାରିଖ୍‌ତକ୍ ଭାରତ୍‌କେ ନକ୍ସଲ୍ ମୁକ୍ତ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ଲକ୍ଷ୍ୟ ରଖିଛନ୍ ।

ଆକାଶବାଣୀ ସମ୍ବଲପୁର ସମ୍ବାଦବିଭାଗ୍ ତର୍‌ଫୁ ବିସ୍ମିତା ପଧାନ ।

(ସେବା ପର୍ବ ଏସ୍.ଟି)

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ନ ହେଇଥିବା ଘୂର୍ଣ୍ଣିବଳୟ ଆଏଜ୍ ଗଭୀର ଅବପାତ ରୂପ୍ ନେଇଛେ । ଇଟା ଉତର୍- ଉତର୍ ପଶ୍ଚିମ ଦିଗ୍‌କେ ଯାଉଛେ । ଆଏଜ୍ ରାତିତକ୍ ଇଟା ପାରାଦୀପ୍ ଆର୍ ଗୋପାଲ୍‌ପୁର୍ ହେଇକରି ପାର୍ କର୍‌ବା । ଇତାର୍ ପ୍ରଭାବ୍‌ଥି ଆଏଜ୍ ଆର୍ ଆଏବା କାଏଲ୍ ରାଜ୍ୟର୍ ଭିନ୍ ଭିନ୍ ଜାଗାନ ଜବର୍ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୯ ଟା ଗେଟ୍ ଦେଇକରି ଜଲ୍‌ଭଣ୍ଡାର୍‌ନୁ ପାଏନ୍ ଛଡ଼ାଯାଉଛେ ।